# ୭୪ତମ ବନମହୋତ୍ସବ


# 74th Vanamahotsava

## 2023




ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ, ଓଡ଼ିଶା

ଭୁବନେଶ୍ୱର-୭୫୧୦୨୩






୭୩ତମ ରାଜ୍ୟ ସ୍ତରୀୟ
ବନ ମହୋତ୍ସବ - ୨୦୨୨
ବନ ମହୋତ୍ସବ - ୨୦୨୨
ବରମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟ
ବରମୁଣ୍ଡା, ଭୁବନେଶ୍ୱର





# ୭୪ତମ ବନମହୋତ୍ସବ
# 74th Vanamahotsava
# 2023

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ, ଓଡ଼ିଶା

ଭୁବନେଶ୍ୱର - ୭୫୧ ୦୨୩





ଲୋକସେବା ଭବନ
ଭୁବନେଶ୍ୱର

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୭୪ତମ ବନମହୋତ୍ସବ ପାଳନ ଉପଲକ୍ଷେ
## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ 'ବାର୍ତ୍ତା'

୭୪ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଜନସାଧାରଣଙ୍କୁ ଜଙ୍ଗଲର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ପାଇଁ ବର୍ଷାଋତୁର ପ୍ରାରମ୍ଭ ତଥା ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ଆମେ ବନ ମହୋତ୍ସବ ପାଳନ କରୁ।

ଜଙ୍ଗଲ ହିଁ ପ୍ରକୃତିର ସର୍ବଶ୍ରେଷ୍ଠ ଅବଦାନ। ଜଙ୍ଗଲ ସମ୍ପଦ ବୃଷ୍ଟିପାତରେ ସହାୟକ ହୁଏ। ବିଶ୍ୱତାପନର ପ୍ରଭାବ ପ୍ରଶମନ ଏବଂ ନିୟମିତ ବୃଷ୍ଟିପାତ ପାଇଁ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ସହାୟକ ହେଇଥାଏ।

ମନୁଷ୍ୟର ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ସ୍ୱଚ୍ଛ ଅମ୍ଳଜାନ, ସୁଷମ ଖାଦ୍ୟ, ସ୍ୱଚ୍ଛ ଜଳ ଓ ପ୍ରଦୂଷଣ ମୁକ୍ତ ବାୟୁର ଆବଶ୍ୟକତାକୁ ବୃକ୍ଷ ହିଁ ପୂରଣ କରିଥାଏ। ତେଣୁ ରାଜ୍ୟ ସରକାର ସବୁବେଳେ ବୃକ୍ଷରୋପଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଆସୁଛନ୍ତି। ଜନସାଧାରଣଙ୍କ ସହଯୋଗ ଏବଂ ରାଜ୍ୟ ସରକାରଙ୍କର ନିରନ୍ତର ପ୍ରୟାସ ଯୋଗୁଁ ରାଜ୍ୟର ଜଙ୍ଗଲ ସମ୍ପଦ ବୃଦ୍ଧି ପାଉଛି ଓ ଏହାର ସ୍ଥିତି ଜାତୀୟ ହାର ଠାରୁ ଅଧିକ ରହିଅଛି। ଏହାର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଆମର ବନ ସୁରକ୍ଷା ସମିତି ଏବଂ ଜନସାଧାରଣଙ୍କର ଅବଦାନ ମଧ୍ୟ ଅତୁଳନୀୟ।

ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନା ମାଧ୍ୟମରେ ପ୍ରତିବର୍ଷ ବହୁଳ ସଂଖ୍ୟାରେ ଜଙ୍ଗଲ କିଶମ ବୃକ୍ଷ, ଔଷଧୀୟ ବୃକ୍ଷ, ବନ୍ୟଜନ୍ତୁ ମାନଙ୍କର ଖାଦ୍ୟ ଉପଯୋଗୀ ବୃକ୍ଷ ଇତ୍ୟାଦି ରୋପଣ ସହିତ ଚାରା ବଣ୍ଟନ କରିଆସୁଛନ୍ତି। ଏହାଦ୍ୱାରା ଜଙ୍ଗଲ ବାହାରେ ମଧ୍ୟ ସବୁଜ ବଳୟ ସୃଷ୍ଟି ହୋଇପାରିଛି।

ବନମହୋତ୍ସବ ପାଳନ ଅବସରରେ ସାରା ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ମୁଁ ଅନୁରୋଧ କରୁଛି।

ଆସନ୍ତୁ, ଆମେ ସମସ୍ତେ ଗଛ ଲଗାଇବା ଓ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

ଦୂରଭାଷ: 0674-2531100(କାର୍ଯ୍ୟାଳୟ), 0674-2591099(ବାସଭବନ), ଫାକ୍ସ:0674-2535100(କାର୍ଯ୍ୟାଳୟ), 0674-2590833 ଇ-ମେଲ୍ : cmo@nic.in, twitter id : twitter.com/cmo_odisha
Facebook id : facebook.com/cmo.odisha



ଫୋନ: ୦୬୭୪-୨୫୩୬୯୩୦ (କାର୍ଯ୍ୟାଳୟ)
୦୬୭୪-୨୩୨୨୧୮୫ (କାର୍ଯ୍ୟାଳୟ)

**ଶ୍ରୀ ପ୍ରଦିପ କୁମାର ଅମାତ**
ମନ୍ତ୍ରୀ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ

# ବାର୍ତ୍ତା

ଚଳିତ ୭୪ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ମୋର ରାଜ୍ୟବାସୀଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

ପ୍ରତ୍ୟେକ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳିତ ହୋଇଥାଏ।

ବନ୍ୟ ସମ୍ପଦ ସମୃଦ୍ଧିର ପ୍ରଧାନ ଉତ୍ସ। ମୃତ୍ତିକା ଓ ଜଳ ସଂରକ୍ଷଣ, ଜୈବ ବିବିଧତାର ସୁରକ୍ଷା, ବାୟୁମଣ୍ଡଳକୁ ନିର୍ଗତ ବିଷାକ୍ତ ବାଷ୍ପକୁ ବିଶୋଧନ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ଜଙ୍ଗଲ ନିର୍ବାହ କରିଥାଏ। ଏହାର ଅଭିବୃଦ୍ଧି ଓ ସୁରକ୍ଷା ସଠିକ୍ ରୂପେ ହୋଇପାରିଲେ ପ୍ରାଣୀଜଗତର ସ୍ଥିତି ଓ ବିକାଶ ନିରନ୍ତର ହେବ। ଜଙ୍ଗଲର ଅବକ୍ଷୟକୁ ରୋକିବା ଏବଂ ପ୍ରାକୃତିକ ଦୁର୍ବିପାକର ସମ୍ଭାବନାକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନା ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ କରିଆସୁଛନ୍ତି।

ମୌସୁମୀ ଆଗମନ ସହିତ ଜୁଲାଇ ମାସର ପ୍ରଥମ ସପ୍ତାହରେ ଏହି ବନମହୋତ୍ସବ ପାଳନ କରାଯାଇଥାଏ। ଚଳିତ ବର୍ଷ ବନୀକରଣ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ପାଇଁ ବିଭିନ୍ନ ଯୋଜନାରେ ପ୍ରାୟ ୩.୭୮ କୋଟି ବୃକ୍ଷଚାରା ରୋପିତ ହେବାକୁ ଏବଂ ୬.୪୨ କୋଟି ବୃକ୍ଷଚାରା ବଣ୍ଟନ ହେବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ବଣ୍ଟନ ପ୍ରକ୍ରିୟାକୁ ସକ୍ରିୟ କରିବା ପାଇଁ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ।

ପବିତ୍ର ବନମହୋତ୍ସବ ପାଳନ ଅବସରରେ ପ୍ରତ୍ୟେକ ବ୍ୟକ୍ତି ଅଧିକରୁ ଅଧିକ ଗଛ ଲଗାଇ ଏକ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ପରିବେଶ ସୃଷ୍ଟିର ସ୍ୱପ୍ନକୁ ସାକାର କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛି।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)



**Sri Satyabrata Sahu, IAS**
Additional Chief Secretary
Forest, Environment & Climate Change
Department, Govt. of Odisha
Bhubaneswar

E-Mail : fesec.or@nic.in/
forestenv2016@gmail.com
Tel : 91 674 2536822

Date : 26.06.2023

# ବାର୍ତ୍ତା

୭୪ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ସମସ୍ତ ବନକର୍ମଚାରୀ ତଥା ଜଙ୍ଗଲ ସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମୋର ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

ଜଳବାୟୁ ପରିବର୍ତ୍ତନ ଓ ପରିବେଶର ଅବକ୍ଷୟ ବିଭିନ୍ନ କାରଣରୁ ସଂଗଠିତ ହୋଇଥାଏ। ଆଗାମୀ ଦିନ ପାଇଁ ଏହା ବିଶ୍ୱରେ ଏକ ଘାତକ ପରିସ୍ଥିତି ସୃଷ୍ଟି କରିପାରେ। ସଂପ୍ରତି ପ୍ରାକୃତିକ ସମ୍ପଦର ନିରନ୍ତର ସୁରକ୍ଷା ଓ ଅଭିବୃଦ୍ଧି ଅପରିହାର୍ଯ୍ୟ। ଜଙ୍ଗଲ ସମ୍ପଦ ହିଁ ପ୍ରାକୃତିକ ସମ୍ପଦର ପ୍ରାଣକେନ୍ଦ୍ର। ସେହି ପ୍ରାକୃତିକ ଅରଣ୍ୟ ସମ୍ପଦର ପୁନରୁଦ୍ଧାର ଏବଂ ପୁନଃବର୍ଦ୍ଧନ ପାଇଁ ବହୁଳ ବୃକ୍ଷରୋପଣ ଯୋଜନା ମାନଙ୍କର ସଫଳ ରୂପାୟନ ହେବା ଆବଶ୍ୟକ। ସେଥିପାଇଁ ୧୯୫୦ ମସିହାଠାରୁ ନିୟମିତ ଭାବେ ମୌସୁମୀ ବାୟୁର ପ୍ରବାହକୁ ଲକ୍ଷ୍ୟ କରି ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ସାରା ଭାରତବର୍ଷରେ ତଥା ଆମ ରାଜ୍ୟରେ ବନମହୋତ୍ସବ ପାଳନ କରାଯାଇଆସୁଅଛି।

ରାଜ୍ୟ ସରକାରଙ୍କର ନିରନ୍ତର ପ୍ରୟାସ ଏବଂ ଜନ ସାଧାରଣଙ୍କ ସହଯୋଗ ଯୋଗୁଁ ରାଜ୍ୟରେ ବିଭିନ୍ନ ବନୀକରଣ ଯୋଜନାରେ ବ୍ୟାପକ ବୃକ୍ଷରୋପଣ କରାଯାଉଛି, ଫଳରେ ଜଙ୍ଗଲ ସମ୍ପଦର ସ୍ଥିତି ଜାତୀୟ ହାର ଠାରୁ ଅଧିକ ରହିଛି।

ରାଜ୍ୟର ସମଗ୍ର ଭୌଗୋଳିକ ଆୟତନର ୩୩.୫୦ ଶତାଂଶ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଏବଂ ୩.୨୧ ଶତାଂଶ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ। ଏହା ସମଗ୍ର ଦେଶର ଅନୁପାତ ଠାରୁ ଯଥେଷ୍ଟ ଅଧିକ। ବିଗତ ଦଶନ୍ଧି ମଧ୍ୟରେ ରାଜ୍ୟରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର କ୍ଷେତ୍ରଫଳ ବୃଦ୍ଧି ଘଟିଛି। ଏହି ସଫଳତା ରାଜ୍ୟ ସରକାରଙ୍କର ସୁଚିନ୍ତିତ ବନୀକରଣ ଯୋଜନାମାନଙ୍କର ସଫଳ ରୂପାୟନ ଏବଂ ଜନସାଧାରଣଙ୍କର ସହଯୋଗ ପାଇଁ ସମ୍ଭବ ହୋଇପାରିଛି। ବନୀକରଣ ଯୋଜନାରେ ସଘନ ବନୀକରଣ, ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ପଥପାର୍ଶ୍ୱ ବନୀକରଣ ଓ ସହରାଞ୍ଚଳ ବନୀକରଣ ସହିତ ହିତାଧିକାରୀମାନଙ୍କୁ ଚାରା ବିତରଣ କରି ଉଭୟ ଜଙ୍ଗଲ ଜମି ଏବଂ ଅଣ ଜଙ୍ଗଲ ଜମିରେ ସବୁଜ ବଳୟ ସୃଷ୍ଟି କରାଯାଉଅଛି।

ଉତ୍ସବ ହିଁ ସଚେତନତାର ପ୍ରତୀକ। ବନମହୋତ୍ସବରେ ସର୍ବସାଧାରଣ, ବିଦ୍ୟାର୍ଥୀ ତଥା ପ୍ରକୃତିପ୍ରେମୀମାନଙ୍କୁ ସାମିଲ କରାଯାଇ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ତଥା ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରାଯାଏ ଏବଂ ବିନା ମୂଲ୍ୟରେ ବୃକ୍ଷଚାରା ବିଭିନ୍ନ ସ୍ଥାନରେ ବଣ୍ଟନ କରାଯାଏ।

ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ପ୍ରଣୀତ ସମସ୍ତ ବନୀକରଣ ଯୋଜନାର କାର୍ଯ୍ୟ ବିଶେଷ ଏବଂ ଜଙ୍ଗଲର ଅବସ୍ଥିତି ତଥା ଯୁଗ୍ମ ବନ ପରିଚାଳନା କାର୍ଯ୍ୟକ୍ରମ ଇତ୍ୟାଦିର ତଥ୍ୟମାନ ଓଡ଼ିଆ ଭାଷାରେ ଏହି "୭୪ତମ ବନ ମହୋତ୍ସବ" ପୁସ୍ତିକାଟି ପ୍ରକାଶିତ ହୋଇଥିବାରୁ ମୁଁ ଆନନ୍ଦିତ।

ସତ୍ୟବ୍ରତ ସାହୁ
(ସତ୍ୟବ୍ରତ ସାହୁ)



**ଶ୍ରୀ ଦେବୀଦତ୍ତ ବିଶ୍ୱାଳ,** ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ,
ଓଡ଼ିଶା

# ମୁଖବନ୍ଧ

ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ସମ୍ଭବ ହୋଇପାରିଲେ ହିଁ ଜନ ଜୀବନର ବିକାଶ ହୋଇପାରିବ। ପ୍ରାଣୀ ଜଗତର ସ୍ଥିତି ଜଙ୍ଗଲର ଅବସ୍ଥିତି ଉପରେ ନିର୍ଭର କରିଥାଏ। ଖାଦ୍ୟ, ଔଷଧ, କଞ୍ଚାମାଲ ଓ ଲଘୁ ବନଜାତ ଦ୍ରବ୍ୟ ପ୍ରଭୃତି ଯୋଗାଇବା ସହିତ ଭୂତଳ ଜଳସ୍ତରକୁ ଅକ୍ଷୂର୍ଣ୍ଣ ରଖିବା, ମୃତ୍ତିକା ସଂରକ୍ଷଣ, ଅମ୍ଳଜାନ ପ୍ରଦାନ ଇତ୍ୟାଦି ଅନେକ କ୍ଷେତ୍ରରେ ଜଙ୍ଗଲର ଅବଦାନ ଅତୁଳନୀୟ। ଆଜି ବିଶ୍ୱ ତାପମାତ୍ରାରେ ପରିବର୍ତ୍ତନ, ମହାସାଗରର ଜଳପତ୍ତନ ବୃଦ୍ଧି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଅଂଶ ସମୁଦ୍ର ଗର୍ଭରେ ଲୀନ ଭଳି ପ୍ରଳୟଙ୍କର ପରିସ୍ଥିତିର ଆଶଙ୍କାରେ ମାନବ ସମାଜ ଆତଙ୍କିତ। ଏଥିପାଇଁ ଜଙ୍ଗଲର ସୁରକ୍ଷା ସହିତ ବ୍ୟାପକ ବୃକ୍ଷ ରୋପଣ ନିତାନ୍ତ ଅପରିହାର୍ଯ୍ୟ। ତେଣୁ ଏହି ପରିପ୍ରେକ୍ଷୀରେ, ୧୯୫୦ ମସିହାରୁ ସାରା ଭାରତରେ ଜାତୀୟ ସ୍ତରରେ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି।

ଜୁଲାଇ ମାସର ପ୍ରଥମ ସପ୍ତାହରେ ସମଗ୍ର ରାଜ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ଦ୍ୱାରା ବନ ମହୋତ୍ସବ ପାଳନ କରାଯାଏ।

ସମାଜ ତଥା ବ୍ୟକ୍ତି ବିଶେଷଙ୍କୁ ବନୀକରଣ କାର୍ଯ୍ୟକ୍ରମ ସମ୍ବନ୍ଧିତ ତଥ୍ୟର ସନ୍ଦେଶ ଦେବା ନିମନ୍ତେ ରାଜ୍ୟର ଜଙ୍ଗଲ ବିଭାଗ ତରଫରୁ ପ୍ରତିବର୍ଷ ପରି ଏହି ବର୍ଷ ୭୪ତମ "ବନ ମହୋତ୍ସବ" ପୁସ୍ତିକା ପ୍ରକାଶନ କରାଯାଉଅଛି। ଏଥିରେ ରାଜ୍ୟର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନର ବିବରଣୀ ସହିତ ବିଭିନ୍ନ ବନୀକରଣ ଯୋଜନା ଯଥା - ସବୁଜ ମହାନଦୀ ମିଶନ, ବର୍ଦ୍ଧିତ ସବୁଜ ଆବରଣ, କାମ୍ପା ଯୋଜନା, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଆମ ଜଙ୍ଗଲ ଯୋଜନା ଇତ୍ୟାଦି ଉପରେ ସମ୍ୟକ୍ ସୂଚନା ସହିତ ଚଳିତ ବର୍ଷର ବନୀକରଣ କାର୍ଯ୍ୟାବଳୀ ଓ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ, ପୂର୍ବ ବର୍ଷ ମାନଙ୍କର ସଫଳତା ପ୍ରଭୃତି ଅନ୍ତର୍ଭୁକ୍ତ କରାଯାଇଛି।

ଆଶାକରେ, ଏହି ତଥ୍ୟ ଭିତ୍ତିକ ପୁସ୍ତିକାଟି ସାଧାରଣ ପାଠକ, କ୍ଷେତ୍ରୀୟ କର୍ମଚାରୀ, ଅଧିକାରୀ ଏବଂ ପ୍ରଶାସକମାନଙ୍କ ପାଇଁ ଉପାଦେୟ ସହଯୋଗୀ ହୋଇପାରିବ।

(ଦେବୀଦତ୍ତ ବିଶ୍ୱାଳ)

# ୭୪ତମ ବନ ମହୋତ୍ସବ
# (74th Vanamahotsava)

ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ସାରା ବିଶ୍ୱ ପାଇଁ ଏକ ଆହ୍ୱାନ। ଏହି ପରିପ୍ରେକ୍ଷୀରେ ସବୁଜ ବଳୟର ସୃଷ୍ଟି ମାନବ ସମାଜ ପାଇଁ ଏକ ରକ୍ଷାକବଚ ସଦୃଶ। ଜଙ୍ଗଲ ସମ୍ପଦର ସୁରକ୍ଷା, ଅଭିବୃଦ୍ଧି ଓ ସଂରକ୍ଷଣ ସମାଜର ସୁସ୍ଥ ପରିବେଶ ପାଇଁ ଏକାନ୍ତ କାମ୍ୟ। ବୃକ୍ଷ ହିଁ ଜଳ, ଜଳ ହିଁ ଜୀବନ। "ବୃକ୍ଷ ବିହୁନେ ସୃଷ୍ଟି ନାଶ" ଉକ୍ତିଟି ମାନବ ସମାଜର ମାନଦଣ୍ଡ ପାଲଟିଅଛି। ବିଗତ ୧୯୫୦ ମସିହାରୁ ଆଜି ପର୍ଯ୍ୟନ୍ତ ଜାତୀୟ ସ୍ତରରେ ଜୁଲାଇ ମାସରେ ବହୁଳ ଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଅଛି। ଜୁଲାଇ ମାସର ପ୍ରଥମ ସପ୍ତାହରେ ବ୍ୟାପକ ବୃକ୍ଷରୋପଣ ଅଭିଯାନ ସହିତ ସଚେତନତା କାର୍ଯ୍ୟକ୍ରମମାନ କରାଯାଇ "ବନମହୋତ୍ସବ" ପାଳିତ ହେଉଅଛି। ଏହି ବନମହୋତ୍ସବ କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଉତ୍ସାହିତ କରାଯାଇ ବହୁଳ ଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିଅଛି।


ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବୃକ୍ଷର ମହତ୍ୱ ଉପରେ ଜନସଚେତନତା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ପ୍ରତି ଶ୍ରଦ୍ଧା ଜନ୍ମାଇବା ବନ ମହୋତ୍ସବର ପ୍ରଧାନ ଆଭିମୁଖ୍ୟ ରଖାଯାଇଅଛି। ଚଳିତ ବର୍ଷ ୭୪ତମ ବନମହୋତ୍ସବ ପାଳନ ଅବସରରେ ରାଜ୍ୟର ସର୍ବସାଧାରଣ ଓ ଶିକ୍ଷାନୁଷ୍ଠାନମାନଙ୍କ ସହଯୋଗରେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ସରକାର ବିଭିନ୍ନ ବନୀକରଣ ଯୋଜନା ମାଧ୍ୟମରେ ବ୍ୟବସ୍ଥା ଜାରିରଖିଛନ୍ତି। ବିଗତ ବର୍ଷମାନଙ୍କରେ କ୍ରମାଗତ ଭାବେ ଜଙ୍ଗଲର ଅଭିବୃଦ୍ଧି ଘଟୁଥିବା ହେତୁ ଆମ ରାଜ୍ୟର ଭୂ-ଭାଗର ଶତକଡ଼ା ୩୬.୭୧% ଭାଗ ଜଙ୍ଗଲ ଓ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇପାରିଛି।



*73rd Vana Mahotsav of Balangir Range of Balangir Forest Division*



*73rd Vana Mahotsav of Kalahandi North Forest Division*





*Celebration of Vanamahotsava at Malkangiri Forest Division, 2022*





*Celebration of Vanamahotsava at Kalahandi North Forest Division, 2022*



*Celebration of Vanamahotsava at Bolangir Forest Division, 2022*




*Celebration of Vana Mahastab at CRPF Camp Rourkela*

# ଓଡ଼ିଶା ଜଙ୍ଗଲ
# (Odisha Forests)

## ରାଜ୍ୟ ଜଙ୍ଗଲ ଅବସ୍ଥିତି ସମ୍ବନ୍ଧୀୟ ତଥ୍ୟ
## (Status Report of Odisha Forests)

(As per the latest India State of Forest Report, 2021)

- **ରାଜ୍ୟ ଜଙ୍ଗଲ ଆଚ୍ଛାଦନର ମାନଚିତ୍ର**
  **(Map of Forest Cover of Odisha)**




- **ରାଜ୍ୟର ନଥିଭୁକ୍ତ ଜଙ୍ଗଲ ଅଞ୍ଚଳ**
  (Recorded Forest Area in the State)

| ଭୌଗୋଳିକ ଅଞ୍ଚଳ | ନଥିଭୁକ୍ତ ଜଙ୍ଗଲ ଅଞ୍ଚଳ | ସମୁଦାୟ ଭୌଗୋଳିକ ଅଞ୍ଚଳର ପ୍ରତିଶତ |
|---|---|---|
| ୧୫୫୭୦୭ ବର୍ଗ କିଲୋମିଟର | ୬୧୨୦୪.୧୭ ବର୍ଗ କିଲୋମିଟର | ୩୯.୩୧% |

- ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ

| | Percentage of Geographical area | |
|---|---|---|
| | Odisha | India |
| Forest Cover | 33.50 % | 21.71 % |
| Forest and Tree Cover | 36.71 % | 24.62% |

- **ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ (ବର୍ଗ କିଲୋମିଟର)**
  **(Forest and Tree Cover in the State in Sq. Km.)**

(ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାଦ୍ୱାରା ଉପଗ୍ରହ ମାଧ୍ୟମରେ ଆକଳନ କରାଯାଇଥିବା ତଥ୍ୟ ଉପରେ ପର୍ଯ୍ୟବେକ୍ଷିତ)-
(ପ୍ରତି ଦୁଇବର୍ଷ ଅନ୍ତରରେ)

| Assess-ment Year | Very Dense Forest | Medium Dense Forest | Open Forest | Total | Mangrove Forest | Scrub Forest | Outside Tree Cover |
|---|---|---|---|---|---|---|---|
| ୨୦୨୧ | ୭,୨୧୩ | ୨୦,୯୯୫ | ୨୩,୯୪୮ | ୫୨,୧୫୬ | ୨୫୯ | ୪,୯୨୪ | ୫,୦୦୪ |
| ୨୦୧୯ | ୬,୯୭୦ | ୨୧,୫୫୨ | ୨୩,୦୯୭ | ୫୧,୬୧୯ | ୨୫୧ | ୪,୩୨୭ | ୪,୬୪୮ |
| ୨୦୧୭ | ୬,୯୬୭ | ୨୧,୩୭୦ | ୨୩,୦୦୮ | ୫୧,୩୪୫ | ୨୪୩ | ୪,୩୦୬ | ୩,୯୯୩ |
| ୨୦୧୫ | ୬,୯୮୫ | ୨୧,୪୭୦ | ୨୧,୮୬୧ | ୫୦,୪୬୦ | ୨୩୧ | ୪,୪୯୯ | ୩,୯୮୬ |
| ୨୦୧୩ | ୭,୦୪୨ | ୨୧,୨୯୮ | ୨୨,୦୦୭ | ୫୦,୩୪୭ | ୨୧୩ | ୪,୪୨୪ | ୪,୦୧୩ |
| ୨୦୧୧ | ୭,୦୬୦ | ୨୧,୩୬୬ | ୨୦, ୪୭୭ | ୪୮,୯୦୩ | ୨୨୨ | ୪,୭୩୪ | ୪,୩୦୧ |
| ୨୦୦୯ | ୭,୦୭୩ | ୨୧,୩୯୪ | ୨୦,୩୮୮ | ୪୮,୮୫୫ | ୨୨୧ | ୪,୮୫୨ | ୪,୪୩୫ |
| ୨୦୦୫ | ୫୩୮ | ୨୭,୬୫୬ | ୨୦,୧୮୦ | ୪୮,୩୭୪ | ୨୦୩ | ୪,୭୪୩ | ୪,୫୮୯ |
| ୨୦୦୩ | ୨୮୮ | ୨୭,୮୮୨ | ୨୦,୧୯୬ | ୪୮,୩୬୬ | ୨୦୭ | - | - |



*Raising of 18months Old seedlings at Hatibandha Nursery 2022-23 at Rourkela Forest Division*



*Tall Tree Plantation under DMF in Rourkela City FY 2022-23 at Rourkela Forest Division*

# ବନୀକରଣ କାର୍ଯ୍ୟକ୍ରମ
# (Afforestation Activities in the State)

ଓଡ଼ିଶାରେ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ କରାଯାଉଅଛି।

## ବିଭିନ୍ନ ଯୋଜନା ଅନ୍ତର୍ଗତ ବନୀକରଣ କାର୍ଯ୍ୟକ୍ରମ

- ଜଙ୍ଗଲର ସାନ୍ଦ୍ରତା ଅଭିବୃଦ୍ଧି ଓ ଜୈବ ବିବିଧତାର ସମୃଦ୍ଧି ଉଦ୍ଦେଶ୍ୟରେ, ରାଜ୍ୟରେ ବିଗତ ୧୫ ବର୍ଷ ମଧ୍ୟରେ, ଜଙ୍ଗଲ ବିଭାଗ ଦ୍ୱାରା ବିଭିନ୍ନ ବନୀକରଣ ଯୋଜନା ଅଥବା ଉପାଦାନ ମାଧ୍ୟମରେ ମୋଟ ୩.୬୬ ଲକ୍ଷ ହେକ୍ଟର ଜଙ୍ଗଲ ଜମିର ପୁନରୁଦ୍ଧାର ଓ ପୁନଃସୃଜନ କରାଯାଇପାରିଛି।
- ୨୦୨୨-୨୩ ଆର୍ଥିକ ବର୍ଷରେ, ସମୁଦାୟ ୮୮,୧୯୭.୯୬ ହେକ୍ଟର ଜଙ୍ଗଲ ଜମିରେ ବନୀକରଣ କରାଯାଇଅଛି। ଏଥି ମଧ୍ୟରୁ ସମୁଦାୟ ୧୧,୮୫୬.୩୦ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ (Artificial Regeneration) ଓ ୭୬୩୪୧.୬୬ ହେକ୍ଟର ପରିମିତ ଅଞ୍ଚଳରେ ବୃକ୍ଷରୋପଣ ଦ୍ୱାରା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର (Aided Natural Regeneration with Gap Plantation) କରାଯାଇଅଛି। ଏହା ସହିତ ସମୁଦାୟ ୪,୦୬୯.୩୦ ରୋ କି.ମି. ପ୍ରକ୍ରିୟାରେ ସମୁଦାୟ ୩୫୧.୫୯ ଲକ୍ଷ ବୃକ୍ଷ ଚାରା ରୋପଣ ଏବଂ ୨୧୧.୭୪ ଲକ୍ଷ ବୃକ୍ଷଚାରା ବଣ୍ଟନ କରାଯାଇଅଛି। ବିଭିନ୍ନ ଯୋଜନା ମାଧ୍ୟମରେ ହେଉଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମାନଙ୍କର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

୧. ସବୁଜ ମହାନଦୀ ମିଶନ (GMM)

୨. ବର୍ଦ୍ଧିତ ସବୁଜ ବଳୟ (IGC)

୩. ସବୁଜ ଭାରତ ମିଶନ (GIM)

୪. କାମ୍ପା (CAMPA)

୫. ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ (SMPB)


୬. ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (OBDA)

୭. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS)

୮. କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR)

୯. ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (OFSDS)

୧୦. DMF and OEMF



*ANR Plantation at Kamladar, Bargarh Forest Division FY-2022-23*

## ବିଭିନ୍ନ ଯୋଜନା ଅନ୍ତର୍ଗତ ବନୀକରଣ

ବିଗତ ୧୫ ବର୍ଷର ବିଭିନ୍ନ ଯୋଜନା ଅନ୍ତର୍ଗତ ବନୀକରଣ କାର୍ଯ୍ୟକ୍ରମର ବିବରଣୀ ନିମ୍ନରେ ପ୍ରଦାନ କରାଯାଇଅଛି (Overall Achievement including all schemes in the last 15 years)

| ଆର୍ଥିକ ବର୍ଷ | ବନୀକରଣ ଜଙ୍ଗଲ ଜମିର ଆୟତନ (ହେକ୍ଟର) | ପଥପାର୍ଶ୍ଵ ବନୀକରଣ (ରୋ କିଲୋମିଟର) | ସହରୀ ବନୀକରଣ (ରୋପିତ ବୃକ୍ଷ ଚାରାର ସଂଖ୍ୟା) (ଲକ୍ଷ ହିସାବରେ) | ସର୍ବ ମୋଟ (ରୋପିତ ବୃକ୍ଷ ଚାରାର ସଂଖ୍ୟା) | ବିତରଣ କରାଯାଇଥିବା ବୃକ୍ଷ ଚାରାର ସଂଖ୍ୟା (ଲକ୍ଷ ହିସାବରେ) |
|---|---|---|---|---|---|
| ୨୦୦୮-୦୯ | ୯୮,୭୩୮ | ୪୨ | ୦.୯୩ | ୪୪୫.୪୮ | ୧୦.୦୦ |
| ୨୦୦୯-୧୦ | ୯୨,୫୮୪ | ୧୩୩ | ୦.୧୭ | ୪୧୫.୩୫ | ୨୫.୦୦ |
| ୨୦୧୦-୧୧ | ୨୩୩,୪୪୫ | ୨୪୨ | ୩.୪୮ | ୧୦୮୬.୦୯ | ୧୨୮.୩୪ |
| ୨୦୧୧-୧୨ | ୧୮୨୧୮୬ | ୭୬୯ | ୬.୮୦ | ୩୫୮.୯୨ | ୧୯୫.୯୨ |
| ୨୦୧୨-୧୩ | ୧୦୭୨୮୭ | ୩୧୦୭ | ୮.୭୨ | ୩୨୧.୬୬ | ୨୧୧.୯୨ |
| ୨୦୧୩-୧୪ | ୧୧୭୬୬୭ | ୪୫୦୬ | ୧୦.୫୭ | ୪୬୭.୬୭ | ୩୦୪.୧୪ |
| ୨୦୧୪-୧୫ | ୧୯୮୮୯୧ | ୪୭୫୫ | ୧୪.୯୦ | ୬୯୬.୫୭ | ୫୫୦.୦୦ |
| ୨୦୧୫-୧୬ | ୩୫୭୦୯୧ | ୪୬୦୭ | ୧୫.୬୫ | ୪୮୭.୯୮ | ୪୬୦.୯୬ |
| ୨୦୧୬-୧୭ | ୪୦୧୪୫୨ | ୫୮୩୮ | ୧୩.୮୩ | ୪୯୯.୭୯ | ୩୭୬.୫୭ |
| ୨୦୧୭-୧୮ | ୩୮୨୩୬୪ | ୩୨୩୫ | ୧୧.୨୦ | ୧୬୬.୮୬ | ୧୪୫.୧୪ |
| ୨୦୧୮-୧୯ | ୨୪୮୫୩୧.୯୨ | ୩୬୮୫.୬୫ | ୧୨.୨୧ | ୩୩୮.୭୪ | ୧୪୨.୪୬ |
| ୨୦୧୯-୨୦ | ୧୪୦୦୫୬.୩୧ | ୩୫୫୮ | ୭.୮୪ | ୩୩୯.୨୬ | ୨୧୨.୪୮ |
| ୨୦୨୦-୨୧ | ୧୦୭୩୨୩.୧୭ | ୪୧୬୪.୭୦ | ୩.୭୮ | ୩୯୨.୪୭ | ୪୬୫.୭୭ |
| ୨୦୨୧-୨୨ | ୧୧୦୩୬୮.୩୦ | ୪୬୧୬.୬୦ | ୦.୧୦୫୬ | ୩୮୨.୯୧ | ୨୩୦.୪୬ |
| ୨୦୨୨-୨୩ | ୮୮୧୯୭.୯୬ | ୪୦୬୯.୩୦ | ୬.୮୭ | ୩୫୧.୫୯ | ୨୧୧.୭୪ |

## ସବୁଜ ମହାନଦୀ ମିଶନ
## (Green Mahanadi Mission)

ରାଜ୍ୟରେ ପ୍ରବାହିତ ମହାନଦୀ ତଥା ଅନ୍ୟାନ୍ୟ ନଦୀଗୁଡ଼ିକ ଓଡ଼ିଶାର ଜୀବନରେଖା ସଦୃଶ। ପ୍ରଚୁର ଜଳ ଉପଲବ୍ଧ, ଜୀବନ ଜୀବିକାର ଉନ୍ନତି ତଥା ସମାଜର କଲ୍ୟାଣ ନିମନ୍ତେ ଉକ୍ତ ନଦୀମାନଙ୍କୁ ଚିରସ୍ରୋତା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଅଧିସୂଚନା ସଂଖ୍ୟା ୬୫୧୮, ତା ୨୦.୦୩.୨୦୧୮ ରିଖରେ ଏକ ସଂକଳ୍ପନାମା ଜାରିକରି "ସବୁଜ ମହାନଦୀ ମିଶନ" ନାମରେ ଏକ ନୂତନ ଓ ଅଭିନବ ବନୀକରଣ ଯୋଜନା ରାଜ୍ୟ ସରକାର ପ୍ରଣୟନ କରିଛନ୍ତି। ରାଜ୍ୟ ସରକାରଙ୍କ ସୁଚିନ୍ତିତ ପରିକଳ୍ପନାର ପ୍ରୟାସ ସ୍ୱରୂପ ଏହି ମିଶନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ରାଜ୍ୟର ଜନ ପ୍ରତିନିଧି ଓ ସମସ୍ତ ଅଂଶୀଦାର ମାନଙ୍କର ସହଯୋଗର ଆବଶ୍ୟକତା ରହିଛି।



*Plantation under GMM UTP at Khamarmunda, Balangir Range, Bolangir Forest Division FY, 2022-23*

### ମିଶନ କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ

ମହାନଦୀ ଏବଂ ଏହାର ଉପନଦୀ ତଥା ତେଲ ଓ ଇବ୍ ନଦୀ ଉପକୂଳର ଉଭୟ ପାର୍ଶ୍ୱରେ ଏକ କିଲୋମିଟର ପ୍ରଶସ୍ତର ଏକ ସବୁଜ ବଳୟ ସୃଷ୍ଟି କରିବା ଏହି ମିଶନର ମୂଳ ଆଭିମୁଖ୍ୟ ଅଟେ। ୨୦୧୮-୧୯ ବର୍ଷ ଠାରୁ ଆରମ୍ଭ ହୋଇ ୨୦୨୫-୨୬ ପର୍ଯ୍ୟନ୍ତ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ନିମନ୍ତେ "ଆର୍ଥିକ ବ୍ୟୟ ବରାଦ କମିଟି" ଉକ୍ତ ମିଶନ ପାଇଁ ଅର୍ଥ ଅନୁମୋଦନ କରିଛନ୍ତି। ଉପଲବ୍ଧ ହେଉଥିବା ସମସ୍ତ ପ୍ରକାର ଉପଯୁକ୍ତ ଜମି ଯଥା- ଜଙ୍ଗଲ ଜମି, ରାଜସ୍ୱ ଜମି, ଜିଲ୍ଲା ସ୍ତରୀୟ କମିଟି ଅନ୍ତର୍ଭୁକ୍ତ ବିଚାରଭୁକ୍ତ ଜମି (DLC area) ଏବଂ ବେସରକାରୀ ବ୍ୟକ୍ତିଗତ ଜମି ମାନଙ୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରିରହିଛି।

୨୦୨୨-୨୩ ଆର୍ଥିକ ବର୍ଷରେ ସବୁଜ ମହାନଦୀ ମିଶନର କାର୍ଯ୍ୟକ୍ରମରେ ୫୭୬ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ (Artificial Regeneration), ୨୯୫୦ ହେକ୍ଟର ପରିମିତ ଅଞ୍ଚଳରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର (Aided Natural Regeration with Gap Plantation), ୪୨୪

ହେକ୍ଟର ପରିମିତ ଅଞ୍ଚଳରେ ଲଣ୍ଡା ପାହାଡରେ ବୃକ୍ଷରୋପଣ (Bald Hill Plantation) ଏବଂ ୨.୮୯ ଲକ୍ଷ ବୃକ୍ଷଚାରା ସହରାଞ୍ଚଳ ବନୀକରଣ (Urban Tree Plantation) ସହିତ ସର୍ବମୋଟ ୨୪.୭୯ ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଅଛି ଏବଂ ୮.୪୮ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ମାଗଣା ବିତରଣ କରାଯାଇଅଛି।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧୦୦ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ (Artificial Regeneration), ୮୫୦ ହେକ୍ଟର ପରିମିତ ଅଞ୍ଚଳରେ ବୃକ୍ଷରୋପଣ ଦ୍ୱାରା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର (Aided Natural Regeneration with Gap Plantation), ୯୦ ହେକ୍ଟର ଲଣ୍ଡା ପାହାଡରେ ବୃକ୍ଷରୋପଣ (Bald Hill Plantation) ଏବଂ ୧.୬୦ ଲକ୍ଷ ଚାରା ସହରାଞ୍ଚଳ ବନୀକରଣ (Urban Tree Plantation) ସହିତ ୧୬୨.୪୦ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ମାଗଣା ବିତରଣ ନିମନ୍ତେ ପ୍ରସ୍ତାବ ରହିଅଛି।

## ମହାନଦୀ ତଟବର୍ତ୍ତୀ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଥିବା ବନଖଣ୍ଡ (Name of the Forest and Wildlife Divisions)

ଏହି ଯୋଜନାରେ କଳାହାଣ୍ଡି ଦକ୍ଷିଣ, କଳାହାଣ୍ଡି ଉତ୍ତର, ବଲାଙ୍ଗୀର, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ଅନୁଗୁଳ, ବଣେଇ, କେଉଁଝର ବନ୍ୟପ୍ରାଣୀ, ରାଉରକେଲା, ଢ଼େଙ୍କାନାଳ, ବ୍ରହ୍ମପୁର, ରାୟଗଡ଼ା, ଭଦ୍ରକ ବନ୍ୟପ୍ରାଣୀ, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବୌଦ୍ଧ, ଆଠମଲ୍ଲିକ, କଟକ, ଆଠଗଡ଼, ନୟାଗଡ଼, ଖୋର୍ଦ୍ଧା, ପୁରୀ ବନ୍ୟପ୍ରାଣୀ, ରାଜନଗର ବନ୍ୟପ୍ରାଣୀ ଓ ଭୁବନେଶ୍ୱର ନଗର ବନଖଣ୍ଡ ଅନ୍ତର୍ଭୁକ୍ତ। ଏହାର ଉପନଦୀ ତେଲ୍ ନଦୀ ପାଇଁ ସୁବର୍ଣ୍ଣପୁର, କଳାହାଣ୍ଡି (ଉତ୍ତର), ବଲାଙ୍ଗିର ଏବଂ ଇବ୍ ନଦୀ ପାଇଁ ସୁନ୍ଦରଗଡ଼ ବନଖଣ୍ଡଙ୍କୁ ଅନ୍ତର୍ଭୁକ୍ତ କରାଯାଇଅଛି।

## ସବୁଜ ବଳୟ ବୃଦ୍ଧିକରଣ (Increasing Green Cover)


- ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନାର ଅନୁପାଳନକୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ, ବନୀକରଣ ପ୍ରକ୍ରିୟାର କାର୍ଯ୍ୟୋନ୍ନୟନ ପାଇଁ ୨୦୧୩-୧୪ ଆର୍ଥିକ ବର୍ଷଠାରୁ ସମସ୍ତ ବନୀକରଣ ଯୋଜନାମାନଙ୍କୁ ସମ୍ମିଳିତ କରି ପ୍ରାରମ୍ଭ କରାଯାଇଥିବା ସବୁଜ ଓଡ଼ିଶା ମିଶନ, ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମୂଳକ ଏକ ସକରାତ୍ମକ ଚିନ୍ତାଧାରାର ପରିପ୍ରକାଶ ଅଟେ।
- ଏହି ମିଶନ ଅନ୍ତର୍ଭୁକ୍ତ ବର୍ଦ୍ଧିତ ସବୁଜ ଆବରଣ (Increasing Green Cover) ଯୋଜନା ମାଧ୍ୟମରେ ବିଗତ ୧୦ ବର୍ଷ (୨୦୧୩-୧୪ ଠାରୁ ୨୦୨୨-୨୩), ପ୍ରାୟତଃ ୭.୦୯ କୋଟି ବୃକ୍ଷଚାରା ରୋପଣ କରାଯାଇଅଛି।
- ୨୦୨୨-୨୩ ଆର୍ଥିକ ବର୍ଷରେ, ବିଭିନ୍ନ ଯୋଜନା ମାଧ୍ୟମରେ କରାଯାଇଥିବା ବୃକ୍ଷରୋପଣ ଯଥାକ୍ରମେ - ଔଷଧୀୟ ବୃକ୍ଷ ଜ୍ଞାନଆହରଣ କେନ୍ଦ୍ର (ପାତ୍ରପଡ଼ା), ଭୁବନେଶ୍ୱର ଠାରେ ବିଭିନ୍ନ ପ୍ରଜାତିର ୩୦୦୦ ସଂଖ୍ୟକ ତୃଣ ଓ ବୃକ୍ଷଚାରାର ରକ୍ଷଣାବେକ୍ଷଣ ସହିତ ପୁନଃରୋପଣ, ଏକାମ୍ର ବନ ବିନ୍ଦୁ ସାଗର ଔଷଧୀୟ ବୃକ୍ଷ ଉଦ୍ୟାନରେ ୩୦୬୦ ସଂଖ୍ୟକ ଔଷଧୀୟ ବୃକ୍ଷର ପୁନଃରୋପଣ, ନଗରବନ ଯୋଜନାରେ

ପାତ୍ରପଡ଼ାରେ ୫୦୦ ସଂଖ୍ୟକ ବୃକ୍ଷଚାରା ରୋପଣ, ୫୩୫ ହେକ୍ଟର ପରିମିତ ଅଞ୍ଚଳରେ କରାଯାଇଥିବା ସଘନ ବନୀକରଣ, ୪୮୦ ହେକ୍ଟର ପରିମିତ ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ୩୦୦୦ ହେକ୍ଟର ପରିମିତ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ବନୀକରଣ, ୧୨୨.୭୮ ହେକ୍ଟର ପରିମିତ ଝାଉଁ ବନୀକରଣ ଓ ୨.୯୫ ଲକ୍ଷ ବୃକ୍ଷଚାରା ଦ୍ୱାରା ସହରାଞ୍ଚଳ ବନୀକରଣ କାର୍ଯ୍ୟ ସମ୍ପାଦନ ହୋଇଅଛି।

- ୨୦୨୩-୨୪ ଆର୍ଥିକ ବର୍ଷରେ ବର୍ଦ୍ଧିତ ସବୁଜ ଆବରଣ (Increasing Green Cover) ଯୋଜନା ମାଧ୍ୟମରେ ୧୨୦ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୧୦୦ ହେକ୍ଟର ପରିମିତ ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ୧୦୦୦ ହେକ୍ଟର ପରିମିତ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ବନୀକରଣ ଓ ୧.୦୦ ଲକ୍ଷ ବୃକ୍ଷଚାରା ସହରାଞ୍ଚଳ ବନୀକରଣ କାର୍ଯ୍ୟ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି।




*ANR Plantation at RaghunathpurRF, Keonjhar Range, Keonjhar Division FY- 2022-23*



*Ekamra Vana Bindusagar*



*Medicinal Plants Knowledge Centre, Patrapada*

### ସହରାଞ୍ଚଳ ବନୀକରଣ ଯୋଜନା
### (Urban Tree Plantation)

- ୨୦୨୨-୨୩ ଆର୍ଥିକ ବର୍ଷରେ ସମୁଦାୟ ୨.୯୫ ଲକ୍ଷ ବୃକ୍ଷଚାରା ରାଜ୍ୟର ସହରାଞ୍ଚଳରେ ସବୁଜ ଭାରତ ମିଶନ ଯୋଜନାର ଆର୍ଥିକ ସହାୟତାରେ ରୋପଣ କରାଯାଇଅଛି।
- ୨୦୨୩-୨୪ ଆର୍ଥିକ ବର୍ଷରେ ବର୍ଦ୍ଧିତ ସବୁଜ ଆବରଣ (IGC) ଅନ୍ତର୍ଗତ ସହରାଞ୍ଚଳ ବନୀକରଣ ନିମିତ୍ତ ସମୁଦାୟ ୧.୦୦ ଲକ୍ଷ ବୃକ୍ଷଚାରା ରୋପୀତ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି। ଏହା ବ୍ୟତୀତ ପୂର୍ବ ବର୍ଷରେ ରୋପିତ ବୃକ୍ଷଚାରାର ରକ୍ଷଣାବେକ୍ଷଣ ପାଇଁ ବ୍ୟୟବରାଦ ମଧ୍ୟ କରାଯାଇଅଛି।

## ରାଜ୍ୟ ବନ ଉନ୍ନୟନ ସଂସ୍ଥା (SFDA) ଓ ଜାତୀୟ ସବୁଜ ଭାରତ ମିଶନ (GIM)

ଜାତୀୟ ବନୀକରଣ ଓ ପରିବେଶ ଉନ୍ନୟନ ବୋର୍ଡ଼ (NAEB) ଦ୍ୱାରା ପ୍ରସ୍ତୁତ କାର୍ଯ୍ୟାବଳୀ ମାର୍ଗଦର୍ଶିକା ଅନୁଯାୟୀ ଆମ ଓଡ଼ିଶାରେ "ରାଜ୍ୟ ବନ ଉନ୍ନୟନ ସଂସ୍ଥା" (SFDA) ନାମରେ ୧୭ ଜୁନ୍ ୨୦୧୦ ମସିହାରେ ସାମାଜିକ ରେଜିଷ୍ଟ୍ରିକରଣ ନିୟମ ୧୮୬୦ ଅନୁଯାୟୀ ରେଜିଷ୍ଟ୍ରୀଭୁକ୍ତ କରାଯାଇ ଗଠନ କରାଗଲା। ଏହି ସଂସ୍ଥାର ଅଧ୍ୟକ୍ଷ ହେଉଛନ୍ତି ପ୍ରଧାନ ମୁଖ୍ୟ ବନସଂରକ୍ଷକ, ଓଡ଼ିଶା ଏବଂ ପରିଚାଳନା ସଂପାଦକ (Member Secretary) ହେଉଛନ୍ତି ମୁଖ୍ୟ ବନସଂରକ୍ଷକ, (ଯୋଜନା ଓ ବନୀକରଣ)।

ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କେନ୍ଦ୍ର ପ୍ରବର୍ତ୍ତିତ ବନୀକରଣ ଯୋଜନା ଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ସହଯୋଗ ଭିତ୍ତିରେ କାର୍ଯ୍ୟକାରୀ କରାଇବା ତଥା ତ୍ରିସ୍ତରୀୟ ବ୍ୟବସ୍ଥା ଭିତ୍ତିରେ, ଯଥା ରାଜ୍ୟ ବନ ଉନ୍ନୟନ ସଂସ୍ଥା, ବନଖଣ୍ଡ ସ୍ତରୀୟ ବନ ଉନ୍ନୟନ ସଂସ୍ଥା ଏବଂ ଗ୍ରାମୀଣ ସ୍ତରରେ ବନ ସୁରକ୍ଷା ସମିତି ମାନଙ୍କ ଦ୍ୱାରା ଯୋଜନାର କାର୍ଯ୍ୟ ସମ୍ପାଦନ କରିବା।

ରାଜ୍ୟ ବନ ଉନ୍ନୟନ ସଂସ୍ଥା, ଓଡ଼ିଶାଙ୍କ ଦ୍ୱାରା ସବୁଜ ଭାରତ ମିଶନ (GIM) ନାମରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା କାର୍ଯ୍ୟକାରୀ ହେଉଅଛି।

### ଜାତୀୟ ସବୁଜ ଭାରତ ମିଶନ (GIM) :

ଜାତୀୟ ସବୁଜ ଭାରତ ମିଶନ (GIM) ରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ଯୋଜନା (NAPCC) ର ଆଠଟି ମିଶନ ମଧ୍ୟରୁ ଅନ୍ୟତମ। ଏହି ଯୋଜନାଟି ନିମ୍ନଲିଖିତ କେତେ ଗୁଡ଼ିଏ ଉଦ୍ଦେଶ୍ୟ ପୂରଣ ପାଇଁ କାର୍ଯ୍ୟକାରୀ ହେଉଛି :

କ) ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ପାଞ୍ଚ ମିଲିୟନ ହେକ୍ଟର ଜଙ୍ଗଲ ଭୂମିର ଗୁଣକୁ ଉନ୍ନତ କରିବା।

ଖ) ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ମାଧ୍ୟମରେ ଅଙ୍ଗାରକ ବାଷ୍ପର କ୍ରମବର୍ଦ୍ଧିଷ୍ଣୁ ପ୍ରକ୍ରିୟାର ନିୟନ୍ତ୍ରଣ କରିବା ଏବଂ ଇନ୍ଧନ, ଚାରା, ଗଣ୍ଡିକାଠର ଭବିଷ୍ୟତ ପାଇଁ ବ୍ୟବସ୍ଥା କରିବା।

ଗ) ତିନି ମିଲିୟନ ପରିବାରକୁ ଜଙ୍ଗଲ ଆଧାରିତ ଜୀବିକା ପରିସରର ସୁଯୋଗ ଦେବା ଓ ସେମାନଙ୍କ ଆର୍ଥିକ ଅବସ୍ଥା ବୃଦ୍ଧି କରିବା।

ଘ) ଓଡ଼ିଶାରେ ପର୍ଯ୍ୟାପ୍ତ ବନୀକରଣ କରି ସବୁଜ ବଳୟ ସୃଷ୍ଟି କରିବା।

ଏହି ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତରେ ଅର୍ଥ ଅନୁଦାନ ୨୦୧୫-୧୬ ଆର୍ଥିକ ବର୍ଷଠାରୁ ପାଞ୍ଚ ବର୍ଷିୟ ଯୋଜନା ଭିତ୍ତିରେ କାର୍ଯ୍ୟକାରୀ କରାଯାଉଅଛି।

୨୦୨୨-୨୩ ଆର୍ଥିକ ବର୍ଷରେ ଉପରୋକ୍ତ ଯୋଜନାରେ ୩୪୧ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୧୯୩୪ ହେକ୍ଟର ପରିମିତ ଅଞ୍ଚଳରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୧୫୫.୮୦ ରୋ କି.ମି. ପଥପାର୍ଶ୍ୱ ବନୀକରଣ ଏବଂ ୧୯୦୦୦ ସଂଖ୍ୟକ ଚାରା ସହରାଞ୍ଚଳ ବନୀକରଣ ଯୋଜନାରେ ରୋପଣ କରାଯାଇଛି। ଏଥିପାଇଁ ସର୍ବମୋଟ ୧୧.୩୮ ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨୫୦ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ ଓ ୧୭୮୦ ହେକ୍ଟର ପରିମିତ ଅଞ୍ଚଳରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଜାତୀୟ ବନୀକରଣ ଯୋଜନା (NAP) ବିଗତ ୨୦୧୫-୧୬ ଆର୍ଥିକ ବର୍ଷଠାରୁ କେନ୍ଦ୍ର ଓ ରାଜ୍ୟ ୬୦:୪୦ ଅନୁଦାନରେ କାର୍ଯ୍ୟକାରୀ ହୋଇଆସୁଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଯୋଜନାଟି, ସବୁଜ ଭାରତ ମିଶନ ଯୋଜନାରେ (GIM) ମିଶ୍ରଣ (merge) ହୋଇଗଲା। ୨୦୨୨-୨୩ ଆର୍ଥିକ ବର୍ଷରେ କେବଳ ପୂର୍ବ ବର୍ଷ ମାନଙ୍କରେ ହୋଇଥିବା ୯୨୪୧ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳର ରକ୍ଷଣାବେକ୍ଷଣ କାର୍ଯ୍ୟ ସବୁଜ ଭାରତ ମିଶନ ପ୍ରଦତ୍ତ ପାଣ୍ଠି ଦ୍ୱାରା କରାଯାଇଅଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୬୨୬୮ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳର ରକ୍ଷଣାବେକ୍ଷଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି।

## ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ଅଧିକାରୀ (CAMPA)

ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ମାଧ୍ୟମରେ (କାମ୍ପା, ଓଡ଼ିଶା) ପ୍ରାରମ୍ଭରୁ (୨୦୦୯-୧୦ ମସିହା) ବିଭିନ୍ନ କିସମର ବନୀକରଣ ଯୋଜନାକୁ ପ୍ରାଧାନ୍ୟ ଦିଆଯାଇ ଏହାର ସଫଳ ରୂପାୟନ କରାଯାଇଅଛି। କ୍ଷତିପୂରକ ବନୀକରଣ ଆଇନ-୨୦୧୬ ଏବଂ କ୍ଷତିପୂରକ ବନୀକରଣ ନିୟମ-୨୦୧୮ ଅନୁଯାୟୀ ପ୍ରସ୍ତୁତ ବାର୍ଷିକ କାର୍ଯ୍ୟକାରୀ ଯୋଜନା ୨୦୨୨-୨୩ରେ ୪.୫ କୋଟି ଚାରା ସୃଷ୍ଟି କରାଯାଇ, ୬୦,୪୮୬ ହେକ୍ଟର ଜଙ୍ଗଲ ଜମି (NPV- ୫୫,୮୨୦ ହେ. + CA/PCA- ୪୬୬୬ ହେ.) ରେ ବନୀକରଣ କାର୍ଯ୍ୟ ସମ୍ପାଦିତ କରାଯାଇଛି। ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ୫.୮୮ କୋଟି ନୂତନ ଚାରା ସୃଷ୍ଟି ଓ ରକ୍ଷଣାବେକ୍ଷଣ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଅଛି। ଏଥିସହିତ ୩୩,୭୭୫.୩୨ ହେକ୍ଟର ଜଙ୍ଗଲ ଜମି (NPV- ୩୧,୧୨୬ ହେ. + CA/PCA- ୨୬୪୯.୩୨ ହେ.)ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି।



*ANR Plantation under CAMPA FY-2020-21, Lathore Range, Bolangir Forest Division*



*ANR Plantation under CAMPA at Semla, 2021-22, Kantabanji Range, Bolangir Forest Division*

## ବନୀକରଣ କାର୍ଯ୍ୟ ୨୦୨୨-୨୩

### NPV (ନିଟ୍ ବର୍ତ୍ତମାନ ମୂଲ୍ୟ)

### ଏ.ଏନ୍.ଆର. - ୫୧,୮୬୭ ହେକ୍ଟର

- ରେଶମ ଚାଷ ଉପଯୋଗୀ ବୃକ୍ଷରୋପଣ : ୧୮୦୭ ହେକ୍ଟର
- ଫଳ ଓ ଖାଦ୍ୟ ବୃକ୍ଷ ରୋପଣ : ୨୭୬୦ ହେକ୍ଟର
- ବିରଳ ଓ ଶଙ୍କାଗ୍ରସ୍ତ ତଥା ଔଷଧୀୟ ବୃକ୍ଷ ରୋପଣ : ୨୪୦୨ ହେକ୍ଟର
- ଅନ୍ୟାନ୍ୟ ସ୍ଥାନୀୟ ପ୍ରଜାତିର ବୃକ୍ଷ ରୋପଣ : ୪୪୮୯୮ ହେକ୍ଟର

### ଏ.ଆର-୩୯୫୩ ହେକ୍ଟର

- ଅର୍ଥକାରୀ ବୃକ୍ଷରୋପଣ : ୧୯୦ ହେକ୍ଟର
- ସ୍ଥାନୀୟ ପ୍ରଜାତିର ବୃକ୍ଷ ରୋପଣ : ୨୨୮୫ ହେକ୍ଟର
- ଫାଶୀ ବୃକ୍ଷ ରୋପଣ : ୮୫ ହେକ୍ଟର
- ନଦୀପଠା ପୁନର୍ବିନ୍ୟାସ ବୃକ୍ଷ ଚାଷ : ୮୦ ହେକ୍ଟର
- ଝାଉଁ ଜଙ୍ଗଲ ସୃଷ୍ଟି : ୧୫୦ ହେକ୍ଟର
- ହେନ୍ତାଳ ବନ : ୧୩୩ ହେକ୍ଟର
- ଲଣ୍ଡା ପାହାଡ଼ ବୃକ୍ଷରୋପଣ : ୯୭୦ ହେକ୍ଟର
- ଫଳ ଓ ଗୋ-ଖାଦ୍ୟ ବୃକ୍ଷରୋପଣ : ୬୦ ହେକ୍ଟର

## (CA/PCA) ନିର୍ଦ୍ଦିଷ୍ଟ ଜାଗା ବିଶିଷ୍ଟ କ୍ଷତିପୂରକ ବନୀକରଣ, ଦଣ୍ଡାତ୍ମକ କ୍ଷତିପୂରକ ଇତ୍ୟାଦ

### ବନୀକରଣ

- ଏ.ଏନ୍.ଆର୍. ବୃକ୍ଷରୋପଣ : ୩୦୨୪.୬୧ ହେକ୍ଟର
- ଏ.ଆର୍. ବୃକ୍ଷରୋପଣ : ୬୪୩.୫୦ ହେକ୍ଟର
- ଲଣ୍ଡା ପାହାଡ଼ ବ୍ୟକ୍ଷରୋପଣ : ୧୬୮.୦୭ ହେକ୍ଟର
- ଏ.ଏନ୍.ଆର୍. (ଗ୍ୟାପ ବିହୀନ) : ୮୨୭.୭୬ ହେକ୍ଟର
- ସହରାଞ୍ଚଳରେ ଉଚ୍ଚା ଚାରା ରୋପଣ : ୧.୬୧ ହେକ୍ଟର ଓ ୧୩୨୬୦ ଟି ଚାର ରୋପଣ

### ଅନ୍ୟାନ୍ୟ କାର୍ଯ୍ୟ (APO 2022-23)

- ଜଙ୍ଗଲ ଗବେଷଣା ଓ ଅନୁସନ୍ଧାନ କାର୍ଯ୍ୟ ଅନ୍ତର୍ଗତ ଅନୁସନ୍ଧାନମୂଳକ ବଗିଚା ଓ ପୂର୍ବ କାର୍ଯ୍ୟଗୁଡ଼ିକର ରକ୍ଷଣାବେକ୍ଷଣ, ଯଥା Adoptive Research, Tree Improvement Program, Q.P.M. ଉତ୍ପାଦନ ।
- ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ : ୨୬୫୦୦ ହେକ୍ଟର
- ୨.୫ କୋଟି ସଂଖ୍ୟକ ୧୮ ମାସ ଅବଧି ଯୁକ୍ତ ଚାରାର ରକ୍ଷଣାବେକ୍ଷଣ ଓ ୨.୦ କୋଟି ସଂଖ୍ୟକ ଉକ୍ତ ଅବଧିର ନୂତନ ଚାରା ପ୍ରସ୍ତୁତ ପାଇଁ କାର୍ଯ୍ୟ କରାଯାଇଅଛି ।



*Fruit & Fodder Plantation under CAMPA at Gudguda FY- 2022-23 Titlagarh Range 3, Bolangir Forest Division*



*ANR Plantation under AJY CAMPA at Gopinathpur VSS,Telkoi Range, FY- 2021-22, Keonjhar Forest Division*



*AR plantation under CAMPA at Kelia, Dharmagarh Range, FY- 2021-22 Kalahandi South Forest Division*

## ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ (SMPB)

୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପରିଷଦ ତରଫରୁ ରାଜ୍ୟର ଦେବଗଡ଼ ଜିଲ୍ଲାର ରିଆମାଳ ବ୍ଲକ୍, ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍, ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ବ୍ଲକ୍ ଏବଂ କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ବ୍ଲକ୍‌ର ୭୪ ଜଣ ଚାଷୀଙ୍କ ଦ୍ୱାରା ଜାତୀୟ ଆୟୁଷ ଯୋଜନା ମାଧ୍ୟମରେ ପ୍ରାୟ ୩୦୦ ଏକର ଜମିରେ ଅଶ୍ୱଗନ୍ଧା ଚାଷ କରାଯାଇଅଛି ।

ଆମ ରାଜ୍ୟରେ ତିନି ଗୋଟି ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା ନିମନ୍ତେ ରାୟଗଡ଼ା, ବରଗଡ଼ ଏବଂ ନୟାଗଡ଼ ବନଖଣ୍ଡକୁ ଚୟନ କରାଯାଇଅଛି । ରାଉରକେଲା, ବ୍ରହ୍ମପୁର ଓ କେନ୍ଦୁଝର ବନଖଣ୍ଡକୁ ଔଷଧୀୟ ଉଦ୍ଭିଦର ଚାରା ଉତ୍ପାଦନ କେନ୍ଦ୍ର କରିବା ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଅଛି ।



*Inauguration of 15th State Level Kalinga Herbal Fair, 2022-23 at IDCO Exhibition Ground, Unit-III, Bhubaneswar*



*"Seva Pakhwada". has already been conducted at Govt High School, Balianta,in Khurdha district*

ଔଷଧୀୟ ଉଦ୍ଭିଦ ଚାଷ ଓ ଉପାଦେୟତାର ପ୍ରଚାର ଓ ପ୍ରସାର ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା "ସେବା ପଖବାଡ଼ା" ଶିବିର କରିବା ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଔଷଧୀୟ ଉଦ୍ଭିଦର ଚାରା ରୋପଣ କରାଯାଇଅଛି।


୧୫ତମ ରାଜ୍ୟ ସ୍ତରୀୟ କଳିଙ୍ଗ ହର୍ବାଲ ମେଳା ତା ୧୦.୦୨.୨୦୨୩ ରୁ ତା ୧୬.୦୨.୨୦୨୩ରିଖ ପର୍ଯ୍ୟନ୍ତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୧୩୦ ଗୋଟି ଷ୍ଟଲ୍ ଖୋଲାଯାଇ ୫୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବ୍ୟାପାର ଆକଳନ କରାଯାଇଅଛି।

ଔଷଧିୟ ଉଦ୍ଭିଦର ଚାଷ ସମ୍ବନ୍ଧୀୟ ଏକ ୩ ଦିନିଆ ତାଲିମ ଶିବିର ତା ୨୨ ରୁ ୨୪ ମାର୍ଚ୍ଚ, ୨୦୨୩, ୟୁନିଟ୍-୧ ଆଦିବାସୀ ପଡ଼ିଆ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରାୟ ୫୫ ଜଣ ଔଷଧିୟ ଉଦ୍ଭିଦ ଚାଷୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଅଛି।

## ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (OBDA)

ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ଦ୍ୱାରା, ଗାଁ ଗଠନ ସମିତି, ଚାରିଘରିଆ (ଅଣ ସରକାରୀ ସଂଗଠନ) ସହଯୋଗରେ ଏକ ବାଉଁଶ କାରିଗର ତାଲିମ ଶିବିର ବାଙ୍କି (ବିଲିପଡ଼ା) ଗ୍ରାମରେ ତା୨୦.୦୨.୨୦୨୩ ରୁ ତା୨୩.୦୩.୨୦୨୩ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ କାରିଗର ତାଲିମ୍ ଶିବିରରେ ୨୫ ଜଣ ମହିଳା ବାଉଁଶ କାରିଗର ଯୋଗଦେଇ ବାଉଁଶ କାରିଗରୀ ସମ୍ବନ୍ଧରେ ତାଲିମ୍ ଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଣିତ ଜାତୀୟ ବାଉଁଶ ପ୍ରକଳ୍ପ ଅର୍ଥରେ କାରିଗରମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଜୀବନ-ଜୀବିକା ନିର୍ବାହ କରିବା ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା।

ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ଦ୍ୱାରା ବାଉଁଶ ଚାଷୀମାନଙ୍କ ବ୍ୟକ୍ତିଗତ ଚାଷ ଜମିରେ ବାଉଁଶ ଚାଷ ନିମିତ୍ତ ୨୦୨୩-୨୪ ବର୍ଷ ପାଇଁ ୩୦୦ ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି। ଲକ୍ଷ୍ୟ ଧାର୍ଯ୍ୟ ପୂରଣ ପାଇଁ ଘୁମୁସର ଦକ୍ଷିଣ ବନଖଣ୍ଡର ଖଲାଡ଼ି ଗ୍ରାମ ଏବଂ ବାରିପଦା ବନଖଣ୍ଡର ଶଙ୍ଖଭଙ୍ଗା ଠାରେ ବାଉଁଶ ଚାରା ଉତ୍ପାଦନ କେନ୍ଦ୍ର କରାଯାଇଛି।



*Big Bamboo Nursery at Khaladi, Ghumsur South Forest Division*



*Making of Bamboo Products by the Trainees at BCDI, Agartala by the Artisans*

ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତା ତଥା ନିର୍ଦ୍ଦେଶକ, ଓଡ଼ିଶା ହସ୍ତଶିଳ୍ପ ବିଭାଗ ସହଯୋଗରେ ଓଡ଼ିଶାର ୨୧ ଜଣ ବାଉଁଶ କାରିଗରଙ୍କୁ କେନ୍ଦ୍ର ସରକାରଙ୍କ ବାଉଁଶ, ବେତ ଉନ୍ନୟନ ଅନୁଷ୍ଠାନ, ଅଗରତାଲା ଠାରେ ତାଲିମ୍ ଶିବିରକୁ ତା୧୭.୦୪.୨୦୨୩ ଠାରୁ ୧୮.୦୫.୨୦୨୩ ରିଖ ପର୍ଯ୍ୟନ୍ତ ପଠାଯାଇଥିଲା ।

## ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS)

୨୦୨୨-୨୩ ଆର୍ଥିକ ବର୍ଷରେ ସମ୍ପାଦନ କରାଯାଇଥିବା କାର୍ଯ୍ୟକ୍ରମ :

- ଏହି ଯୋଜନା ଅନ୍ତର୍ଭୁକ୍ତ ବନୀକରଣ କାର୍ଯ୍ୟସାରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଯୋଜନା/ଉପାଦାନର ନାମ | ବନୀକରଣ କରାଯାଇଥିବା ଜଙ୍ଗଲ ଜମିର ଆୟତନ (ହେକ୍ଟର / ରୋ କିଲୋମିଟର / ଲକ୍ଷ ହିସାବରେ) |
|---|---|
| ପ୍ରାକୃତିକ ଜଙ୍ଗଲର ପୁନଃସୃଜନ (ANR) | ୧୧୯୬୧ |
| ପଥପାର୍ଶ୍ୱ ବନୀକରଣ (ରୋ କିଲୋମିଟର) | ୩୯୧୪ |
| ରୋପିତ ବୃକ୍ଷ ଚାରାର ସଂଖ୍ୟା (ଲକ୍ଷ ହିସାବରେ) | ୪୩.୯୯ |
| ବିତରଣ କରାଯାଇଥିବା ବୃକ୍ଷଚାରାର ସଂଖ୍ୟା (ଲକ୍ଷ ହିସାବରେ) | ୧୩୪.୨୦ |
| ମୋଟ ସୃଷ୍ଟି ହୋଇଥିବା ଶ୍ରମ ଦିବସ (ଲକ୍ଷ ହିସାବରେ) | ୫୦.୬୧ |



*ANR Plantation under MGNREGS at Narayanpur, Berhampur Division FY - 2022-23*



*ANR Plantation under MGNREGS at Dabugam Range, Nabarangpur Division FY- 2022-23*

## କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR)

କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR) ଅଧୀନରେ ଓଡ଼ିଶା ଖଣି ନିଗମ (OMC) ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ହୋଇ ପ୍ରତି ବର୍ଷ ୬୨୫ ହେକ୍ଟର ଖଣି ଖନନ ଦ୍ୱାରା ପ୍ରଭାବିତ ଅଞ୍ଚଳ ମାନଙ୍କରେ ସଘନ ବନୀକରଣ କରାଯାଉଅଛି। ଏହି ଯୋଜନା ୨୦୨୨-୨୩ ଆର୍ଥିକ ବର୍ଷରେ ୧୨ ଗୋଟି ବନଖଣ୍ଡରେ କାର୍ଯ୍ୟକାରୀ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ୧୪ ଗୋଟି ବନଖଣ୍ଡରେ କାର୍ଯ୍ୟକାରୀ ହେବା ପାଇଁ ପ୍ରସ୍ତାବ ରହିଅଛି।

## ଚାରା ବିତରଣ କାର୍ଯ୍ୟକ୍ରମ ମାର୍ଗଦର୍ଶିକା

- ରାଜ୍ୟର ଜଙ୍ଗଲ ବ୍ୟତୀତ ଅନ୍ୟାନ୍ୟ ବାହ୍ୟ ଅଞ୍ଚଳକୁ ସବୁଜ ସୁନ୍ଦର କରିବା ପାଇଁ ଚାରା ବିତରଣର ଯଥେଷ୍ଟ ପୂର୍ବରୁ ପ୍ରତ୍ୟେକ ଗ୍ରାମ, ଗ୍ରାମ ପଞ୍ଚାୟତ, ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠି ଓ ହିତାଧିକାରୀମାନଙ୍କ ସହାୟତାରେ ସମୂହ ସଚେତନତା ସୃଷ୍ଟି କରାଯିବା ଜରୁରୀ।
- ଚାରା ଉପଲବ୍ଧତା ସମ୍ବନ୍ଧରେ ବ୍ୟାପକ ପ୍ରଚାର (ଚାରା ପ୍ରଜାତି, ସଂଖ୍ୟା, ନର୍ସରୀର ଅବସ୍ଥାନ, ନର୍ସରୀ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ନାମ/ମୋବାଇଲ ଫୋନ୍ ନମ୍ବର) ଇତ୍ୟାଦି ବୃକ୍ଷରୋପଣ ଋତୁ (Season) ଆରମ୍ଭ ପୂର୍ବରୁ ଚାରା ବଣ୍ଟନ ପାଇଁ ବିଜ୍ଞାପନ ବୋର୍ଡ଼ କିମ୍ବା ଅନ୍ୟ ଗଣମାଧ୍ୟମରେ (Media) ପ୍ରଚାର କରାଯିବ।
- ବଣ୍ଟନ ବ୍ୟବସ୍ଥାରେ ଚାରା ଗୁଡ଼ିକ ଅର୍ଥାତ୍ ଉଭୟ ଜଙ୍ଗଲ ଓ ଔଷଧୀୟ ଚାରା ଗୁଡ଼ିକ ସାଧାରଣ ଜନତାଙ୍କ ପାଇଁ ଅତି କମ୍‌ରେ ୧ ଟଙ୍କା ମୂଲ୍ୟ ପ୍ରଦାନରେ ବଣ୍ଟନ କରାଯିବ। କିନ୍ତୁ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସାର୍ବଜନୀନ ସଂଗଠନ ମାନଙ୍କୁ ବିନା ମୂଲ୍ୟରେ ବଣ୍ଟନ କରାଯିବ। ସବୁଜ ମହାନଦୀ ମିଶନରେ ବଣ୍ଟନ ପାଇଁ ବ୍ୟବସ୍ଥିତ ଚାରା ଗୁଡ଼ିକ ନଦୀ ଓ ସେମାନଙ୍କ ଉପନଦୀ କୂଳରେ ଥିବା ଗ୍ରାମବାସୀ ଓ ଅନୁଷ୍ଠାନ ଗୁଡ଼ିକୁ ବିନା ମୂଲ୍ୟରେ ବଣ୍ଟନ କରାଯିବା ସହିତ ନଦୀ କୂଳରେ ସବୁଜ ବଳୟ ସୃଷ୍ଟି କରାଯାଇପାରିବ।
- ଆଗୁଆ ଆସିଥିବା ବ୍ୟକ୍ତିଙ୍କୁ ପ୍ରଥମେ ବିତରଣ ପାଇଁ ଅଗ୍ରାଧିକାର ଦିଆଯିବ।
- ଚାରା ବିତରଣ ସେବା ପ୍ରଥମ ଜୁଲାଇରୁ ଆରମ୍ଭ ହୋଇ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଜାରି ରହିବ।
- ବ୍ୟକ୍ତି ବିଶେଷଙ୍କ ପାଇଁ ପରିଚୟ ପ୍ରମାଣ ପତ୍ର କିମ୍ବା ମୋବାଇଲ ନମ୍ବରକୁ ରେଜିଷ୍ଟ୍ରିଭୁକ୍ତ କରିବାକୁ ପଡ଼ିମ ଏବଂ ଅନ୍ୟମାନଙ୍କୁ ବୃକ୍ଷରୋପଣ ସ୍ଥାନ ଓ ଯୋଗାଯୋଗ ନମ୍ବର ସାଧା କାଗଜରେ ଦରଖାସ୍ତ ମାଧ୍ୟମରେ ଦେବାକୁ ପଡ଼ିବ। ବଣ୍ଟନ କରାଯାଇଥିବା ଚାରା ଗୁଡ଼ିକ ନଥିଭୁକ୍ତ କରାଯିବ। ଚାରା ବିକ୍ରିରୁ ସଂଗୃହୀତ ଅର୍ଥ ରସିଦ୍ ବହି ମାଧ୍ୟମରେ ବିକ୍ରି କରାଯିବ।
- ସହରାଞ୍ଚଳ ପାଇଁ ଅଧିକତମ ୫ ଗୋଟି ଓ ଗ୍ରାମାଞ୍ଚଳ ପାଇଁ ୧୦ ଗୋଟି ବୃକ୍ଷଚାରା ପ୍ରତି ବ୍ୟକ୍ତି ବିଶେଷଙ୍କୁ ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ଅଛି।

- ଅଧିକତମ ୧୫୦ ରୁ ୨୦୦ ଗୋଟି ବୃକ୍ଷଚାରା ପ୍ରତି ଅନୁଷ୍ଠାନକୁ ଦିଆଯିବା ପାଇଁ ଉଦ୍ଦିଷ୍ଟ ଅଛି । ଅଧିକ ସଂଖ୍ୟକ ଚାରା ନେବା ପାଇଁ ଇଚ୍ଛୁକ ଅନୁଷ୍ଠାନ ଦରଖାସ୍ତ ମାଧ୍ୟମରେ ବୃକ୍ଷ ରୋପଣ ସ୍ଥାନର ସବିଶେଷ ତଥ୍ୟ ଓ ଯଥାର୍ଥତା ଦର୍ଶାଇ ସଂପୃକ୍ତ ରେଞ୍ଜ ଅଫିସର ମାଧ୍ୟମରେ ବନଖଣ୍ଡ ଅଧିକାରୀଙ୍କ ଠାରୁ ଅନୁମତି ଗ୍ରହଣ କରି ଚାରା ସଂଗ୍ରହ କରିପାରିବେ । ଅଧିକତମ ୧୦୦୦ ଗୋଟି ଚାରା ସେହି ଅନୁଷ୍ଠାନଙ୍କୁ ଦିଆଯାଇପାରିବ ।

## ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ (JFM)

- ସହଭାଗୀତା ଭିତ୍ତିରେ ଅଦ୍ୟାବଧି ରାଜ୍ୟରେ ଗଠିତ ୧୬,୧୪୩ ବନ ସୁରକ୍ଷା ସମିତିମାନଙ୍କର ସହଯୋଗରେ ସମୁଦାୟ ୧୩୮୮୦.୭୫ ବର୍ଗ କିଲୋମିଟର ଜଙ୍ଗଲ ଅଞ୍ଚଳ ସୁରକ୍ଷା କରାଯାଉଅଛି । ଏହା ସହିତ ୫୯୪ଟି ପରିବେଶ ବିକାଶ କମିଟି ଗଠନ କରାଯାଇ ଜାତୀୟ ଉଦ୍ୟାନ ଅନ୍ତର୍ନିହିତ ଓ ବାହ୍ୟ ଅଞ୍ଚଳ ମଧ୍ୟ ସୁରକ୍ଷା ଦିଆଯାଉଅଛି । ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ନିମନ୍ତେ ବନ ସୁରକ୍ଷା ସମିତିମାନଙ୍କୁ ପ୍ରୋତ୍ସାହନ ଦିଆଯାଉଅଛି ।




*G.B Meeting for awareness Programme at Diamunda VSS, Phulbani Forest Division*




*Celebration of Vanamahotsava Week at Handibhanga VSS in Keonjhar Range under Keonjhar Division*



*Awareness Metting at Koked VSS, Sunabeda WL*



*Awareness Rally at Khadiasole Vana Surakhya Samiti on the eve of World Forestry Day*

## SCHEME WISE TENTATIVE PLANTATION TARGET UNDER DIFFERENT SCHEMES FOR THE YEAR 2023-24


| Sl No | Name of the Component | Name of Scheme | Physical Target (In Hectare) | | | | Avenue Pltn (in RKM) | Requirement of seedlings for Plantation in lakh | Requirement of seedlings for Distribution in lakh |
|---|---|---|---|---|---|---|---|---|---|
| | | | AR in ha | ANR (With Gap Pltn) in ha | ANR without Gap Pltn Ha | Total in ha | | | |
| 1 | AR Plantations | State Plan - IGC | 120 | | | 120 | | 1.92 | |
| 2 | Bald Hill Plantations | State Plan - IGC | 100 | | | 100 | | 1.60 | |
| 3 | ANR with Gap Plantation | State Plan - IGC | | 1000 | | 1000 | | 2.00 | |
| 4 | Urban Tree Plantation in Lakh | State Plan - IGC | | | | | | 1.00 | |
| 5 | Distribution of seedlings in lakh | State Plan - IGC | | | | 0 | | | 279.70 |
| **Total State Plan - IGC** | | | **220.00.00** | **1000.00** | **0.00** | **1220.00** | **0.00** | **6.52** | **279.70** |
| 6 | AR Plantations | State Plan - GMM | 100 | | | 100 | | 1.60 | |
| 7 | Bald Hill Plantations | State Plan - GMM | 90 | | | 90 | | 1.44 | |
| 8 | ANR with Gap Plantation | State Plan - GMM | | 850 | | 850 | | 1.70 | |
| 9 | Urban Tree Plantation in Lakh | State Plan - GMM | | | | | | 1.60 | |
| 10 | Distribution of seedlings in lakh | State Plan - GMM | | | | 0 | | | 162.40 |
| **Total State Plan - GMM** | | | **190** | **850** | **0** | **1040** | **0** | **6.34** | **162.40** |
| 9 | AR Plantations (NPV) | State Plan - CAMPA | 1584 | | | 1584 | | 23.30 | |
| 10 | ANR with Gap Plantations (NPV) | State Plan - CAMPA | | 28574 | | 28574 | | 119.16 | |
| 11 | Bald Hill Plantations (NPV) | State Plan - CAMPA | 968 | | | 968 | | 15.49 | |
| 12 | Compensatory Afforestation | State Plan - CAMPA | 260.13 | 1386.86 | 122.29 | 1769.28 | | 10.63 | |
| 13 | Compensatory Afforestation (Bald Hill Plantation) | State Plan - CAMPA | 636.21 | | | 636.21 | | 10.18 | |
| 15 | Tall Tree Plantation | State Plan - CAMPA | 108.83 | | | 108.83 | | 1.38 | |

| | | | | | | | | | |
|---|---|---|---|---|---|---|---|---|---|
| 16 | CATP | | 95 | 40 | | 135 | | 1.60 | |
| **Total State Plan - CAMPA** | | | **3652.17** | **30000.86** | **122.29** | **33775.32** | **0.00** | **181.73** | **0.00** |
| 17 | Green India Mission | State Plan - GIM | 250 | 1780 | | 2030 | | 9.35 | |
| **Total State Plan - GIM** | | | **250** | **1780** | **0** | **2030** | **0** | **9.35** | **0.00** |
| 18 | AR Plantations through CSR | OMC | 625 | | | 625 | | 10.00 | |
| **Total - OMC & MCL** | | | **625** | **0** | **0** | **625** | **0** | **10.00** | **0.00** |
| 19 | MGNREGS (Convergence & Pure) | MGN-REGS | 5000 | 35000 | | 40000 | 5000 | 162.50 | 200.00 |
| **Total - MGNREGS** | | | **5000** | **35000** | **0** | **40000** | **5000** | **162.50** | **200.00** |
| 20 | NBM (OBDA) | NBM | 300 | | | 300 | | 1.25 | |
| **Total - NBM (OBDA)** | | | **300** | **0** | **0** | **300** | **0** | **1.25** | **0.00** |
| **STATE TARGET** | | | **10237** | **68631** | **122.29** | **78990.32** | **5000** | **377.69** | **642.10** |

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
## (Odisha Forestry Sector Development Society) (OFSDS)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (ଓଏଫ୍ଏସ୍‌ଡ଼ିଏସ୍) ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣାଧୀନ ଏବଂ ସ୍ୱୟଂଶାସିତ ସଂସ୍ଥା ସମ୍ପ୍ରତି ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ମାଧ୍ୟମରେ ତିନିଗୋଟି ପ୍ରକଳ୍ପ ଯଥା : ଆମ ଜଙ୍ଗଲ ଯୋଜନା, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (ଦ୍ୱିତୀୟ ପର୍ଯ୍ୟାୟ) ଏବଂ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ - ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ଜୀବିକା ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଅଛି । ୨୦୦୬-୦୭ ବର୍ଷରୁ ୨୦୧୪-୧୫ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ (OFSDP - Phase-I) ସମିତି ମାଧ୍ୟମରେ କାର୍ଯ୍ୟକାରୀ ହୋଇଅଛି । ପ୍ରତ୍ୟେକ ଯୋଜନାର ଅଗ୍ରଗତି ବିବରଣୀ ସଂକ୍ଷେପରେ ନିମ୍ନରେ ପ୍ରଦାନ କରାଗଲା ।

**MAP SHOWING ALL PROJECTS (OFSDP-II, AJY & OFSDS-OMBADC)**



## (କ) ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ (ଓଏଫଏସଡିପି - ଦ୍ୱିତୀୟ ପର୍ଯ୍ୟାୟ)

୧. **ଉପକ୍ରମ :** ଆମ ରାଜ୍ୟ ଓଡ଼ିଶାର ୧୨ ଗୋଟି ବନଖଣ୍ଡ ଓ ୨ ଗୋଟି ବନ୍ୟପ୍ରାଣୀ ବନଖଣ୍ଡର ୫୦ ଗୋଟି ବନାଞ୍ଚଳରେ ଜାପାନ ଆନ୍ତର୍ଜାତିକ ସହାୟତା ସଂସ୍ଥା (ଜାଇକା)ର ଋଣ ସହାୟତାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ ହେଉଅଛି। ୨୦୧୭-୧୮ ବର୍ଷରୁ ଏହି ପ୍ରକଳ୍ପର କାର୍ଯ୍ୟାରମ୍ଭ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହା ଚାଲୁ ରହିବ।


### ପ୍ରକଳ୍ପର ବିସ୍ତାର :

୧୨ ଗୋଟି ବନଖଣ୍ଡର ୫୦ ଗୋଟି ବନାଞ୍ଚଳ ଅଧୀନ ୧୨୦୦ଟି ବନ ସୁରକ୍ଷା ସମିତିରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯୋଜନା ହୋଇଥିଲା। ଏତଦ୍‌ବ୍ୟତୀତ ବାମରା ବନ୍ୟପ୍ରାଣୀ ବନଖଣ୍ଡର ବଡରମା ଅଭୟାରଣ୍ୟରେ ୧୦ ଗୋଟି ପରିବେଶ ଉନ୍ନୟନ ସମିତିର ସହଭାଗିତାରେ ସାତୋୟାମା ପଦ୍ଧତି ଅନୁକରଣରେ ଜୈବବିବିଧତା ସୁରକ୍ଷା ଏବଂ ରାଜନଗର ହେନ୍ତାଳ ବନଖଣ୍ଡର ଭିତରକନିକା ସଂରକ୍ଷିତ ଜଙ୍ଗଲାଞ୍ଚଳରେ ବିଜ୍ଞାନ ସମ୍ମତ ପଦ୍ଧତିରେ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ନିମିତ୍ତ ବ୍ୟବସ୍ଥା ରହିଥିଲା। ୧୦ଗୋଟି ଜିଲ୍ଲା ଏବଂ ୭ ଗୋଟି ବନମଣ୍ଡଳାଧୀନ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହେଉଅଛି।

### ବନୀକରଣ ସମେତ ଜଙ୍ଗଲ ଉନ୍ନୟନ ଭିତ୍ତିକ କାର୍ଯ୍ୟକ୍ରମ :

ବନୀକରଣ ସମେତ ଜଙ୍ଗଲ ଉନ୍ନୟନ ଭିତ୍ତିକ କାର୍ଯ୍ୟକ୍ରମ ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ଯୁଗ୍ମ ଜଙ୍ଗଲ ପରିଚାଳନା ପଦ୍ଧତିରେ ସମ୍ପାଦିତ ହେଉଛି। ଅଣୁ ଯୋଜନା ପ୍ରସ୍ତୁତି ସମୟରେ ଲାଗିବାକୁ ଥିବା ସ୍ୱଦେଶୀ ପ୍ରଜାତି ଚାରାର କିସମ ବନ ସୁରକ୍ଷା ସମିତି ଦ୍ୱାରା ନିର୍ଦ୍ଧାରଣ କରାଯାଉଛି। ବନ ସୁରକ୍ଷା ସମିତି ସ୍ତରରେ ଏବଂ ବନଖଣ୍ଡ ସ୍ତରରେ ସ୍ଥାୟୀ/ଅସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ରରେ ଚାରା ଉତ୍ପାଦନ କରାଯାଉଛି। ଅଧିକନ୍ତୁ, ବନମଣ୍ଡଳ ସ୍ତରରେ ୬ଗୋଟି ହାଇଟେକ ନର୍ସରୀ ପ୍ରତିଷ୍ଠା କରାଯାଇ ଉନ୍ନତମାନର ଚାରା ଉତ୍ପାଦନ ନିମିତ୍ତ ପଦକ୍ଷେପ ନିଆଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଚତୁର୍ଥ ବ୍ୟାଚର ଅବଶିଷ୍ଟ ୩୧ଟି ବନ ସୁରକ୍ଷା ସମିତିରେ ବନୀକରଣ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ହୋଇଛି।


## ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ଜଙ୍ଗଲ ଉନ୍ନୟନ ଭିତ୍ତିକ ଏବଂ ବନୀକରଣ କାର୍ଯ୍ୟକ୍ରମ



୨୦୨୨-୨୩ରେ ଘୁମୁସୁର ଦକ୍ଷିଣ ବନଖଣ୍ଡ ଅଧୀନରେ କୃତ୍ରିମ ବନୀକରଣ



୨୦୨୨-୨୩ରେ ଘୁମୁସୁର ଦକ୍ଷିଣ ବନଖଣ୍ଡରେ ବୃକ୍ଷରୋପଣ ସହିତ ପ୍ରାକୃତିକ ପୁନର୍ଜନନ



୨୦୨୨-୨୩ରେ କରଞ୍ଜିଆ ବନଖଣ୍ଡରେ ମୃତ୍ତିକା ଓ ଆଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମ



୨୦୨୨-୨୩ରେ ଆଠମଲ୍ଲିକ ବନଖଣ୍ଡରେ ମୃତ୍ତିକା ଓ ଆଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମ

## (ଖ) ଆମ ଜଙ୍ଗଲ ଯୋଜନା (AJY)

'ଆମ ଜଙ୍ଗଲ ଯୋଜନା' ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ, ଯାହା ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ଜରିଆରେ ୨୦୧୬-୧୭ ମସିହାରୁ କାର୍ଯ୍ୟକାରୀ କରାଯାଉଅଛି। ଏହି ଯୋଜନାର ମୂଳ ଅବଧି ୬ ବର୍ଷ ଥିଲା (୨୦୧୬-୧୭ ରୁ ୨୦୨୧-୨୨) ଯାହାକୁ ଅତିରିକ୍ତ ୩ ବର୍ଷ ପାଇଁ (୨୦୨୨-୨୩ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ) ସଂପ୍ରସାରଣ କରାଯାଇଛି। ଗ୍ରାମବାସୀଙ୍କର ସହଭାଗିତାରେ ରାଜ୍ୟରେ ଜଙ୍ଗଲ ସମ୍ପଦର ନିରନ୍ତର ପରିଚାଳନା ସହିତ ସେମାନଙ୍କର ଜୀବିକାର ମାନ ବୃଦ୍ଧି କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଅଟେ। ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ଉପରେ ଗ୍ରାମବାସୀମାନଙ୍କର ନିର୍ଭରଶୀଳତାକୁ ହ୍ରାସ କରି ସେମାନଙ୍କ ପାଇଁ ବିକଳ୍ପ ଜୀବିକାର ବ୍ୟବସ୍ଥା କରିବା ପାଇଁ ଏହି ପ୍ରକଳ୍ପରେ ପଦକ୍ଷେପ ନିଆଯାଇଅଛି। ଏହି ଯୋଜନାକୁ ବର୍ତ୍ତମାନ ରାଜ୍ୟର ୨୩ ଗୋଟି ବନଖଣ୍ଡ ଏବଂ ବନ୍ୟପ୍ରାଣୀ ବନଖଣ୍ଡ (ଡିଭାଜନାଲ ମ୍ୟାନେଜମେଣ୍ଟ ୟୁନିଟ୍) ଅଧିନସ୍ଥ ୪,୬୦୧ ଗୋଟି ବନ ସୁରକ୍ଷା ସମିତି (VSS) ଜରିଆରେ ଯୁଗ୍ମ ବନ ପରିଚାଳନା ପଦ୍ଧତିରେ କାର୍ଯ୍ୟକାରୀ କରାଯାଉଅଛି। ଏହି ପ୍ରକଳ୍ପ ପାଇଁ ଆର୍ଥିକ ଅନୁଦାନର ପ୍ରମୁଖ ଉତ୍ସ ହେଉଛି ରାଜ୍ୟ କାମ୍ପା (CAMPA) ଏବଂ ରାଜ୍ୟ ଯୋଜନା (State Plan)।


୨୦୨୩ ମସିହା ମାର୍ଚ୍ଚ ମାସ ସୁଦ୍ଧା ୨୩ ଗୋଟି ବନଖଣ୍ଡ ଅନ୍ତର୍ଗତ ୨,୦୯,୫୪୩ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବୃକ୍ଷ ରୋପଣ ବିନା ପୁନର୍ଜନନ (ANR without gap) ଓ ୧୮ ଗୋଟି ବନଖଣ୍ଡରେ ୧୯,୯୭୫ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବୃକ୍ଷ ରୋପଣ ସହିତ ଉଜୁଡ଼ା ଜଙ୍ଗଲର ପୁନର୍ଜନନ (ANR with gap) କାର୍ଯ୍ୟକ୍ରମ କରାଯାଇଅଛି। ଏତଦ୍ ବ୍ୟତୀତ ୧୨ ଗୋଟି ବନଖଣ୍ଡ ଅନ୍ତର୍ଗତ ୧୦୦୫ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳରେ କୃତ୍ରିମ ବୃକ୍ଷରୋପଣ (Block Plantation) କରାଯାଇଅଛି। ଏଥିସହିତ ୪୬୦୧ ଗୋଟି ବନ ସୁରକ୍ଷା ସମିତିରେ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳର ସୁରକ୍ଷା ପାଇଁ ସର୍ବେକ୍ଷଣ, ସୀମା ନିର୍ଦ୍ଧାରଣ, ସୀମା ଖୁଣ୍ଟି ସ୍ଥାପନ, ଜଗାରଖା, ଲତା କଟେଇ, ନିଆଁ ଦାଉରୁ ରକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ଇତ୍ୟାଦି କରାଯାଇଅଛି। ବିଗତ ବର୍ଷ ମାନଙ୍କରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଗ୍ରାମ ସମୂହରେ VSS ସଭ୍ୟ ଏବଂ ପ୍ରକଳ୍ପ କର୍ମଚାରୀ ମାନଙ୍କର ସମୟୋପଯୋଗୀ ପଦକ୍ଷେପ ଦ୍ୱାରା ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ବନାଗ୍ନିକୁ ସଫଳ ଭାବରେ ନିୟନ୍ତ୍ରଣ କରାଯାଇପାରିଛି।

୧୫ ଗୋଟି ଅଣ ସରକାରୀ ସହାୟତାରେ ତୃଣମୂଳ ସ୍ତରରେ ଗୋଷ୍ଠୀ ସଂଗଠନ, ପରିଚାଳନା ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ସଂପାଦନ କରାଯାଉଅଛି। ବିଗତ ପାଞ୍ଚବର୍ଷ ମଧ୍ୟରେ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ପ୍ରକଳ୍ପ ଅନ୍ତର୍ଭୁକ୍ତ ବନ ସୁରକ୍ଷା ସମିତିରେ ୭୧୪.୭୨ କୋଟି ଟଙ୍କା ୩୭ ଗୋଟି ଭିନ୍ନ ଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ ୨୫,୮୩,୮୧୦ ଜଣ ହିତାଧିକାରୀଙ୍କୁ ଜୀବିକା ଉନ୍ନୟନ ନିମନ୍ତେ ସହାୟତା ପ୍ରଦାନ କରାଯାଇଅଛି। ଏହାଛଡ଼ା ସ୍ଥାନୀୟ ଅଧିବାସୀ ମାନଙ୍କର ଜୀବିକାର ବିକାଶ ଓ ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି। ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ମାଧ୍ୟମରେ ୧୪,୨୬୩ ଗୋଟି ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ମାନେ ବିଭିନ୍ନ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି।

## ଆମ ଜଙ୍ଗଲ ଯୋଜନା ପ୍ରକଳ୍ପରେ ଜଙ୍ଗଲ ଉନ୍ନୟନ ଭିତ୍ତିକ ଏବଂ ବନୀକରଣ କାର୍ଯ୍ୟକ୍ରମ



କୋରାପୁଟ ବନଖଣ୍ଡ ଅନ୍ତର୍ଗତ ନନ୍ଦିଗୁଡା ବନ ସୁରକ୍ଷା ସମିତିରେ ୨୦୧୬-୧୭ ମସିହାରେ କରାଯାଇଥିବା କୃତ୍ରିମ ବନୀକରଣ



କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଡଙ୍ଗରଗଡ଼ ବନ ସୁରକ୍ଷା ସମିତିରେ ୨୦୧୬-୧୭ ମସିହାରେ କରାଯାଇଥିବା କୃତ୍ରିମ ବନୀକରଣ



ମାଲକାନଗିରି ବନଖଣ୍ଡ ଅନ୍ତର୍ଗତ ମୁଣ୍ଡାଗୁଡା ବନ ସୁରକ୍ଷା ସମିତିରେ ୨୦୨୧-୨୨ ମସିହାରେ କରାଯାଇଥିବା ବନୀକରଣ ସହିତ ଉଜୁଡା ଜଙ୍ଗଲର ପୁନର୍ଜନନ କାର୍ଯ୍ୟକ୍ରମ





କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଗୋପୀନାଥପୁର ବନ ସୁରକ୍ଷା ସମିତିରେ ୨୦୨୧-୨୨ ମସିହାରେ କରାଯାଇଥିବା ବନୀକରଣ ବ୍ୟତୀତ ପ୍ରାକୃତିକ ଜଙ୍ଗଲର ପୁନର୍ଜନନ କାର୍ଯ୍ୟକ୍ରମ

## (ଗ) OFSDS-OMBADC ସହଭାଗୀ ଜୀବିକା ଉନ୍ନୟନ ପ୍ରକଳ୍ପ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (OFSDS) ଏବଂ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (OMBADC)ର ମିଳିତ ସହଯୋଗରେ ଓଡ଼ିଶାର ପାଞ୍ଚଗୋଟି ବନଖଣ୍ଡର ୨୫ ଗୋଟି ବନାଞ୍ଚଳରେ ଏହି ଜୀବିକା ଉନ୍ନୟନ ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଛନ୍ତି। ଖଣିଜ ପଦାର୍ଥ ସମ୍ପନ୍ନ ଅଞ୍ଚଳର ଜଙ୍ଗଲ ଅଧିବାସୀମାନେ ସମ୍ମୁଖୀନ ହେଉଥିବା ପ୍ରତିକୂଳ ପରିସ୍ଥିତିର ପ୍ରଭାବକୁ ବିକଳ୍ପ ଜୀବିକା ପ୍ରୋତ୍ସାହନକାରୀ କାର୍ଯ୍ୟକାରୀ ମାଧ୍ୟମରେ ହ୍ରାସ କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ଏହି ପ୍ରକଳ୍ପର ଅବଧି ପାଞ୍ଚବର୍ଷ (୨୦୨୧-୨୨ ରୁ ୨୦୨୫-୨୬) ଏବଂ ଏହାର ମୋଟ ଖର୍ଚ୍ଚ ଅଟକଳ ୪୩.୪୩ କୋଟି ଟଙ୍କା, ଯାହା OMBADC ରୁ ପ୍ରାପ୍ତ ହେବାର ବ୍ୟବସ୍ଥା ରହିଛି। ସମୁଦାୟ ୯୦୦ଗୋଟି ବନ ସୁରକ୍ଷା ସମିତି / ପରିବେଶ ଉନ୍ନୟନ କମିଟିକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଛି। ଏହି ବନଖଣ୍ଡ ଗୁଡ଼ିକ ହେଲା - ରାଉରକେଲା, ବଣାଇ, କେନ୍ଦୁଝର, କେନ୍ଦୁଝର (ବନ୍ୟପ୍ରାଣୀ) ଓ ଦେବଗଡ଼।

୨୦୨୨-୨୩ ଆର୍ଥିକ ବର୍ଷରେ OFSDS-OMBADC ସହଭାଗୀ ଜୀବିକା ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ପ୍ରତ୍ୟେକ ବନ ସୁରକ୍ଷା ସମିତି ପାଇଁ ଅଗ୍ରାଧିକାର ଭିତ୍ତିରେ ଜୀବିକା ଉନ୍ନୟନ ଯୋଜନା ପ୍ରସ୍ତୁତି ସହିତ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ନିମିତ୍ତ ତାଲିମ ପ୍ରଦାନ କରାଯାଇଛି।


M.P.K.C., PATRAPADA


SMRUTIVAN, PATRAPADA











Designed & Printed at Jyoti Graphics, Bhubaneswar - 751 007, Tel.: 0674-2544209